# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୭୬ (ଓଡ଼ିଆ ବୁଲେଟିନ) ସପ୍ତାହ – ୩୮ ତାରିଖ: ୨୨.୦୯.୨୦୨୬

## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୧୬.୦୯.୨୦୨୬ ରୁ ୨୨.୦୯.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 33 | 23 | 13.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୩-୦୯-୨୦୨୬ | ୨୪-୦୯-୨୦୨୬ | ୨୫-୦୯-୨୦୨୬ | ୨୬-୦୯-୨୦୨୬ | ୨୭-୦୯-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 10 | 30 | 50 | 25 | 10 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 29 | 28 | 27 | 27 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 23 | 23 | 24 | 24 | 24 |
| ମେଘ ଆବରଣ(ଓକଟା) | 5 | 6 | 7 | 6 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 94 | 96 | 95 | 94 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 72 | 80 | 83 | 79 | 74 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 9 | 14 | 18 | 14 | 11 |
| ପବନର ଦିଗ (ଡିଗ୍ରୀ) | 7 | 34 | 59 | 89 | 128 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବିଜୁଳି ଘଡ଼ଘଡ଼ି ସହିତ ହାଲୁକା ରୁ ମଧ୍ୟମ ବର୍ଷା ହେବା ଓ ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ଏବଂ ଆକାଶ ସାଧାରଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ରହିଅଛି । ଆଗାମୀ ଦିନଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ସାମାନ୍ୟ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୯ ରୁ ୧୮ କି.ମି. ବେଗରେ ଉତ୍ତର-ପୂର୍ବ ଓ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

**ସତର୍କତା:** ଆସନ୍ତା ସପ୍ତାହର ତୃତୀୟ ଦିନରେ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା ସହିତ ବଜ୍ରପାତ, ଘଡ଼ଘଡ଼ି ଓ ଝଟକା ପବନ (ପବନର ବେଗ ଘଣ୍ଟା ପ୍ରତି ୫୦ ରୁ ୬୦ କି.ମି. ପର୍ଯ୍ୟନ୍ତ) ହେବାର ସମ୍ଭାବନା ରହିଅଛି ।

### ସାଧାରଣ ଉପଦେଶ

- ଯେଉଁଠି ପର୍ଯ୍ୟାପ୍ତ ବର୍ଷା ହେବାର ସମ୍ଭାବନା ରହିଅଛି, ସେଠାରେ ଜଳସେଚନ କରନ୍ତୁ ନାହିଁ । ଫସଲ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜଳବନ୍ଦୀ ଅବସ୍ଥାକୁ ରୋକିବା ପାଇଁ ଅତିରିକ୍ତ କିମ୍ବା ଜମି ରହିଥିବା ପାଣିକୁ ନିଷ୍କାସନ କରିବାର ଉଚିତ ବ୍ୟବସ୍ଥା କରନ୍ତୁ ।
- ବର୍ଷା ସମୟରେ କିମ୍ବା ଫସଲ ଓଦା ଥିବା ସମୟରେ ସାର ପ୍ରୟୋଗ ଏବଂ କୀଟନାଶକ କିମ୍ବା କବକନାଶକ ପ୍ରୟୋଗ କରନ୍ତୁ ନାହିଁ । ପାଗ ଶୁଖିଲା ଓ ଅନୁକୂଳ ଥିବା ସମୟରେ ଏହି କୃଷି କାର୍ଯ୍ୟ କରନ୍ତୁ ।
- ଅଧିକ ଆର୍ଦ୍ରତା ଫଳରେ କବକ ଓ ଜୀବାଣୁଜନିତ ରୋଗ ବୃଦ୍ଧି ପାଇପାରେ, ତେଣୁ ଫସଲରେ ପୋକ ଓ ରୋଗର ଆକ୍ରମଣ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ ।
- ଆଗକୁ ବର୍ଷା ଓ ଅଧିକ ବେଗରେ ପବନ ବହିବା ଯୋଗୁଁ ଗଛ ଭାଙ୍ଗି ପଡ଼ିବା କିମ୍ବା ଢଳି ପଡ଼ିବା ପରି ପରିସ୍ଥିତିକୁ ରୋକିବା ପାଇଁ ଉଚ୍ଚ ଏବଂ ଫଳ ଧାରଣ କରିଥିବା ଗଛଗୁଡ଼ିକୁ ଉପଯୁକ୍ତ ଖୁଣ୍ଟି କିମ୍ବା ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।
- ସମ୍ଭବ ହେଲେ ବର୍ଷା ପୂର୍ବରୁ ପରିପକ୍ୱ ଓ ବଜାର ଉପଯୋଗୀ ଫଳ ଓ ପନିପରିବାଗୁଡ଼ିକୁ ଅମଳ କରିନିଅନ୍ତୁ ଏବଂ ଅମଳ କରାଯାଇଥିବା ଉତ୍ପାଦକୁ ନିରାପଦ ଓ ଶୁଖିଲା

ସ୍ଥାନରେ ସଂରକ୍ଷଣ କରି ରଖିବାର ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ସମ୍ଭବ ହେଲେ ବର୍ଷା ପୂର୍ବରୁ ପରିପକ୍ୱ ଫଳ ଓ ପନିପରିବା ଫସଲଗୁଡ଼ିକୁ ଅମଳ କରିନିଅନ୍ତୁ ଏବଂ ଅଧିକ କ୍ଷତିକୁ ଏଡ଼ାଇବା ପାଇଁ ଅମଳ କରାଯାଇଥିବା ଉତ୍ପାଦକୁ ନିରାପଦ ସ୍ଥାନରେ ରଖିବାର ଉଚିତ ବ୍ୟବସ୍ଥା କରନ୍ତୁ ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ (ଖରିଫ) ଧାନ | ସକ୍ରିୟ ପିଲ ଅବସ୍ଥା / କେଣ୍ଡା ଆରମ୍ଭ ଅବସ୍ଥା | • ପୂର୍ବରୁ ରହିଥିବା ପାଣିପାଗ ପରିସ୍ଥିତି ଯୋଗୁଁ କେତେକ ଧାନ କ୍ଷେତରେ ମାଟିଆଗୁଣ୍ଡି ପୋକ ବା ଚକଡ଼ା ପୋକର ଆକ୍ରମଣ ଦେଖାଦେଇଛି । ଯଦି ପୋକ ସଂଖ୍ୟା କ୍ଷେତରେ ପ୍ରତି ଗଛରେ **୫–୧୦ଟି ପୋକ** (ETL) ରୁ ଅଧିକ ଦେଖାଦିଅନ୍ତି, ତେବେ ବିକଳ୍ପ ଓଦା-ଶୁଖିଲା ପଦ୍ଧତି ଅନୁସରଣ କରି ଧାନ କ୍ଷେତରେ ସୁସ୍ଥ ପରିବେଶ ବଜାୟ ରଖନ୍ତୁ ଏବଂ ଦୀର୍ଘ ସମୟ ଧରି କ୍ଷେତରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ତଥାପି ଯଦି ମାଟିଆଗୁଣ୍ଡି ପୋକର ଆକ୍ରମଣ ଜାରି ରହେ, ନିମ୍ନଲିଖିତ ସୁପାରିଶକୃତ କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରୟୋଗ କରନ୍ତୁ: ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍‌ସି @ ୯୪ ମି.ଲି./ଏକର, ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. @ ୧୨୦ ଗ୍ରାମ୍/ଏକର, ଡିନୋଟେଫୁରାନ୍ ୨୦% ଏସ୍.ଜି. @ ୬୦–୮୦ ଗ୍ରାମ୍/ଏକର, ଥାୟାମେଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. @ ୪୦ ଗ୍ରାମ୍/ଏକର, ଇଥୋଫେନୋପ୍ରକ୍ସ ୧୦% ଇ.ସି. @ ୨୦୦–୩୦୦ ମି.ଲି./ଏକର, ଏସିଫେଟ୍ ୭୫% ଏସ୍.ପି. @ ୪୦୦ ଗ୍ରାମ୍/ଏକର କିମ୍ବା ଫିପ୍ରୋନିଲ୍ ୫% ଏସ୍.ସି. @ ୪୦୦–୬୦୦ ମି.ଲି./ଏକର ।<br>• କୀଟନାଶକ ପ୍ରୟୋଗ ସମୟରେ ପ୍ରତି ଏକର ପାଇଁ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ଏବଂ କେବଳ ସୁପାରିଶକୃତ କୀଟନାଶକକୁ ନିର୍ଦ୍ଧାରିତ ମାତ୍ରାରେ ଶୁଷ୍କ ଓ ସଫା ପାଗକୁ ଦେଖି କ୍ଷେତରେ ପ୍ରୟୋଗ କରନ୍ତୁ ।<br>• ଚକଡ଼ା ପୋକର ଆକ୍ରମଣ ସମୟରେ ଯବକ୍ଷାରଜାନଯୁକ୍ତ ସାର ପ୍ରୟୋଗ କରନ୍ତୁ ନାହିଁ, ଯାହାଦ୍ୱାରା ପୋକର ଆକ୍ରମଣ ଅଧିକ ବଢ଼ିବାକୁ ରୋକାଯାଇପାରିବ । |
| ଚିନାବାଦାମ | ଫୁଲ ଓ ଓହଳ ଅବସ୍ଥା | • ଚିନାବାଦାମ କ୍ଷେତରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜଳବନ୍ଦୀ ଓ ଫଳିର ବିକାଶରେ ବାଧାକୁ ଏଡ଼ାଇବା ପାଇଁ ଅତିରିକ୍ତ/ଜମି ରହିଥିବା ପାଣିକୁ ଶୀଘ୍ର ନିଷ୍କାସନ କରିବାର ବ୍ୟବସ୍ଥା କରନ୍ତୁ ।<br>• ମାଟି ଅତ୍ୟଧିକ ଓଦା ଥିବା ସମୟରେ ଘାସ ବାଛିବା, ଅନ୍ତଃଚାଷ ଓ ମାଟି ଚଢ଼ାଇବା କାର୍ଯ୍ୟ କରନ୍ତୁ ନାହିଁ, କାରଣ ଏହା ମାଟି ଭିତରକୁ ପ୍ରବେଶ କରୁଥିବା ଓହଳ ଏବଂ ବିକାଶଶୀଳ ଫଳିକୁ କ୍ଷତି ପହଞ୍ଚାଇପାରେ ।<br>• ଓହଳ ପ୍ରବେଶ କରିବାର ୩୦ ଦିନ ମଧ୍ୟରେ କାଲସିୟମ ଉପଲବ୍ଧତା ଗୁରୁତ୍ୱପୂର୍ଣ୍ଣ ଅଟେ । ମୃତ୍ତିକା ପରୀକ୍ଷା ନ ହୋଇ ସୁଦ୍ଧା ଚିନାବାଦାମ ଫସଲକୁ କାଲସିୟମ ନିମନ୍ତେ ଜିପସମ୍ ପ୍ରୟୋଗ କରିବା ଜରୁରୀ ଅଟେ । ଯଦି ପୂର୍ବରୁ ପ୍ରୟୋଗ କରାଯାଇନାହିଁ, ତେବେ ପୂର୍ଣ୍ଣ ଫୁଲ ଧରିବା କିମ୍ବା ପ୍ରାରମ୍ଭିକ ଓହଳ ଅବସ୍ଥାରେ ପ୍ରତି ହେକ୍ଟର ପିଛା ୨୫୦ କି.ଗ୍ରା. ଜିପସମ୍ ପ୍ରୟୋଗ କରନ୍ତୁ । ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଏବଂ ଜଳବନ୍ଦୀ ନଥିବା ସମୟରେ ଏହା ପ୍ରୟୋଗ କରିବା ଉଚିତ ।<br>• ଖେତରେ ଅଧିକ ଆର୍ଦ୍ରତା ଥିବା ସ୍ଥିତିରେ ପତ୍ର ଦାଗ, କଳଙ୍କ ରୋଗ ଓ ଅନ୍ୟାନ୍ୟ କବକଜନିତ ରୋଗର ଆକ୍ରମଣ ଦେଖାଦେଇପାରେ । ତେଣୁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ଏବଂ ପାଗ ଶୁଖିଲା ଓ ଅନୁକୂଳ ଥିବା ସମୟରେ ହିଁ ରୋଗ ନିୟନ୍ତ୍ରଣ ପଦକ୍ଷେପ ନିଅନ୍ତୁ । |
| କଦଳୀ | ଅଙ୍ଗୀୟ ଅବସ୍ଥା / ଫଳ ଅବସ୍ଥା | • ଆସନ୍ତା ଦିନରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଥିବାରୁ ସାର ପ୍ରୟୋଗ ଏବଂ କୀଟନାଶକ ତଥା କବକନାଶକର ପ୍ରୟୋଗ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ।<br>• କଦଳୀ ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ମୂଳର କ୍ଷତି ଓ ପାନାମା ରୋଗକୁ ରୋକିବା ପାଇଁ ଖେତରେ ଜମିଥିବା ପାଣିକୁ ତୁରନ୍ତ ନିଷ୍କାସନ କରନ୍ତୁ ।<br>• ଅଧିକ ଉଚ୍ଚ ଓ କାନ୍ଧି ଧରିଥିବା କଦଳୀ ଗଛଗୁଡ଼ିକ ବର୍ଷା ଓ ପ୍ରବଳ ପବନ ଯୋଗୁଁ ଭାଙ୍ଗି/ଉପୁଡ଼ି ନ ପଡୁ ସେଥିପାଇଁ ବାଉଁଶ କିମ୍ବା ଉପଯୁକ୍ତ ସାମଗ୍ରୀ ସାହାଯ୍ୟରେ ଗଛଗୁଡ଼ିକୁ ଭରା ଦିଅନ୍ତୁ ।<br>• ବଗିଚାରେ ଉପଯୁକ୍ତ ପରିଚ୍ଛନ୍ନତା ବଜାୟ ରଖିବା ସହ ଝଡ଼ି ପଡ଼ିଥିବା ଏବଂ ରୋଗାକ୍ରାନ୍ତ ଗଛପତ୍ର ବା ଅବଶେଷଗୁଡ଼ିକୁ ହଟାଇ ଦିଅନ୍ତୁ । |
| ଭେଣ୍ଡି | ଫଳ ଅବସ୍ଥା | • ଭେଣ୍ଡି ଫସଲରେ ଜଉ ପୋକ, ଧଳାମାଛି, ଉକୁଣିଆ ପୋକ ଏବଂ କାଣ୍ଡ ଓ ଫଳବିନ୍ଧା ପୋକର ଆକ୍ରମଣ ପାଇଁ |

| | | |
|---|---|---|
| | | ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ । କାଣ୍ଡ ଓ ଫଳବିନ୍ଧା ପୋକର ବିସ୍ତାର ହ୍ରାସ କରିବା ପାଇଁ ଆକ୍ରାନ୍ତ କାଣ୍ଡ ଓ ଫଳଗୁଡ଼ିକୁ ନିୟମିତ ବ୍ୟବଧାନରେ ବାହାର କରି ନଷ୍ଟ କରିଦିଅନ୍ତୁ ।<br>• ଭେଣ୍ଡି ଫସଲରେ ହଳଦିଆ ଶିରା ମୋଜାଇକ୍ ଭାଇରସ୍, ପାଉଡରି ମିଲ୍ଡିଉ, ପତ୍ରଦାଗ ଓ ଅନ୍ୟାନ୍ୟ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ଫସଲ ଯାଞ୍ଚ କରନ୍ତୁ । ଅଧିକ ଆକ୍ରାନ୍ତ ଗଛଗୁଡ଼ିକୁ ବାହାର କରି ନଷ୍ଟ କରନ୍ତୁ ଏବଂ କ୍ଷେତରେ ପରିଷ୍କାର-ପରିଚ୍ଛନ୍ନତା ବଜାୟ ରଖନ୍ତୁ ।<br>• ଆସନ୍ତା ବର୍ଷା ଯୋଗୁଁ ଫଳଗୁଡ଼ିକର କ୍ଷତିକୁ ଏଡ଼ାଇବା ପାଇଁ ପରିପକ୍ୱ ଫଳଗୁଡ଼ିକୁ ଯଥାଶୀଘ୍ର ଅମଳ କରିନିଅନ୍ତୁ ।<br>• କିଛି ଦିନ ପର୍ଯ୍ୟନ୍ତ କୌଣସି ପ୍ରକାରର ଛିଞ୍ଚନ କାର୍ଯ୍ୟ କରନ୍ତୁ ନାହିଁ । |
| ଟମାଟୋ/ ବିଲାତି ବାଇଗଣ | ଫଳ ଅବସ୍ଥା | • ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ଏବଂ ଜମିରୁ ଜମା ପାଣି ବାହାର କରନ୍ତୁ, ଯାହାଦ୍ୱାରା ମୂଳ ଓ କାଣ୍ଡ ପଚା ରୋଗରୁ ରକ୍ଷା ମିଳିପାରିବ ।<br>• ଆସନ୍ତା ବର୍ଷା ଓ ପ୍ରବଳ ପବନର ଗତିକୁ ଧ୍ୟାନରେ ରଖି ଚାଷୀଭାଇମାନେ ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ବର୍ଷା ହେବା ପୂର୍ବରୁ ପରିପକ୍ୱ ଫସଲଗୁଡ଼ିକୁ ଅମଳ କରିନିଅନ୍ତୁ ।<br>• ସତର୍କତା ସମୟ ଅବଧିରେ କୌଣସି ପ୍ରକାରର ଔଷଧର ପ୍ରୟୋଗ କାର୍ଯ୍ୟ କରନ୍ତୁ ନାହିଁ । |
| ପଶୁ ପାଳନ | • ଆସନ୍ତା ଦିନଗୁଡ଼ିକରେ ବର୍ଷା ଓ ବଜ୍ରପାତ ସହିତ ଝଡ଼ର ସମ୍ଭାବନା ଥିବାରୁ, ପଶୁମାନଙ୍କୁ ବିଦ୍ୟୁତ୍ ଉପକରଣଠାରୁ ଦୂରରେ ନିରାପଦ ଆଶ୍ରୟସ୍ଥଳୀରେ ରଖନ୍ତୁ ।<br>• ପଶୁଶାଳା ଭିତରକୁ ବର୍ଷା ପାଣି ପଶିବାକୁ ଦିଅନ୍ତୁ ନାହିଁ ଏବଂ ପଶୁଶାଳା ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।<br>• ସତର୍କତା ସମୟ ଅବଧିରେ ବଜ୍ରପାତ ଓ ପ୍ରବଳ ପବନରୁ ପଶୁମାନଙ୍କୁ ସୁରକ୍ଷିତ ରଖିବା ପାଇଁ ସେମାନଙ୍କୁ ନିରାପଦ ସ୍ଥାନରେ ସୁରକ୍ଷିତ ଭାବେ ବାନ୍ଧି ରଖନ୍ତୁ ଓ ବାହାରେ ଖୋଲା ସ୍ଥାନରେ ଛାଡନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।